# PRESS COVERAGE

# FIRST TEST TUBE BABY

at Kar Clinic, Bhubaneswar

29th March 2004



*Reflections - PR Cell, 622 Sahid Nagar, Bhubaneswar- 751007, Tel: 2000456, Telefax: 2544231*

Reflections
WE GIVE THE TRUE PICTURE

TUESDAY, MARCH 30, 2004
THE NEW INDIAN EXPRESS

# City's first test tube baby arrives

By Bibhuti Barik

**Bhubaneswar, March 29:** The first test tube baby of the city was born at Kar Clinic here on Monday.

The healthy baby boy weighing 3.1 kg was the result of invitro fertilisation (IVF) in which after an artificial fertilisation process, the fertilised egg is implanted in the mother's womb.

According to leading gynaccologist and IVF specialist Dr. Sujata Kar, the baby was the result of more than two years of constant endeavour by a team of experts. Visibly happy and excited, Dr. Kar said the clinic is also hoping for the birth of another triplet from a woman of 47 years around August 2004.

The test tube baby was born to marketing executive Surya Ranjan Mohanty (38) and wife Madhumita Mohanty (35) of Bhimatangi area and has been named Saikalyan by family members.

Surya Ranjan, who spent around Rs. 87,000 for the IVF process, says including all expenses the cost would be around Rs 1 lakh.

Meanwhile, Dr. Kar said we are also waiting another delivery in around August in which the fertilisation has been carried out through intra-cytoplasmic sperm injection (ICSI).

While in IVF one egg is fertilised with several sperms, in ICSI one egg is fertilised with only one sperm through micro-manipulation techniques. All these processes are carried out under laboratory conditions, Dr. Kar said.

Reflections
WE GIVE THE TRUE PICTURE

WEDNESDAY, MARCH 31, 2004
**DHARITRI**

# ଟେଷ୍ଟଟ୍ୟୁବ ଶିଶୁ ସୁସ୍ଥ



ଭୁବନେଶ୍ୱର : ସ୍ଥାନୀୟ କର କ୍ଲିନିକଠାରେ ସୋମବାର ଜନ୍ମଲାଭ କରିଥିବା ଟେଷ୍ଟଟ୍ୟୁବ ଶିଶୁ ସମ୍ପୂର୍ଣ୍ଣ ସୁସ୍ଥ ରହିଛି । ଉଲ୍ଲେଖଯୋଗ୍ୟ ଯେ, ଭୀମଟାଙ୍ଗୀ ହାଉସିଂବୋର୍ଡ ଅଞ୍ଚଳର ସୂର୍ଯ୍ୟରଞ୍ଜନ ମହାନ୍ତି ଓ ମଧୁମିତା ମହାନ୍ତିଙ୍କ ଔରସରୁ ଏହି ଟେଷ୍ଟଟ୍ୟୁବ୍ ଶିଶୁଟି ଜନ୍ମଲାଭ କରିଥିଲା । ଏହାକୁକ ସଫଳ କରାଇବାରେ କର କ୍ଲିନିକର ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ସୁଜାତା କରଙ୍କୁ ଭ୍ରୂଣ ବିଶେଷଜ୍ଞ ଡଃ ଲୁନା ସାମନ୍ତ ସହଯୋଗ କରିଥିଲେ । ପ୍ରକାଶଥାଉକି ଓଡିଶାରେ ଟେଷ୍ଟଟ୍ୟୁବ ଶିଶୁ ଜନ୍ମପାଇଁ ଭୁବନେଶ୍ୱରର କର କ୍ଲିନିକ ଛଡା ରାଉରକେଲାରେ ଅନ୍ୟଏକ କେନ୍ଦ୍ର ରହିଛି ।

Reflections
WE GIVE THE TRUE PICTURE

WEDNESDAY, MARCH 31, 2004
**ANUPAM BHARAT**



**ଭୁବନେଶ୍ୱରର ପ୍ରଥମ ଟେଷ୍ଟଟ୍ୟୁବ୍ ବେବି :** ମାର୍ଚ୍ଚ ୨୯ ତାରିଖରେ ଭୁବନେଶ୍ୱରର ୟୁନିଟ୍-୪ ସ୍ଥିତ 'କର କ୍ଲିନିକ୍ ଓ ହସ୍ପିଟାଲ'ରେ ପୂର୍ବ ଓଡିଶାର ପ୍ରଥମ ଟେଷ୍ଟଟ୍ୟୁବବେବି ଜନ୍ମଗ୍ରହଣ କରିଛି । ଏହା ଛଡା ଉକ୍ତ କ୍ଲିନିକ୍‌ରେ ନିଃସନ୍ତାନ ଦମ୍ପତିଙ୍କ ପାଇଁ ଇଣ୍ଟ୍ରାୟୁଟେରାଇନ୍ ଇନ୍‌ସେମିନେସନ୍ (ଆଇ.ୟୁ.ଆଇ), ଇଣ୍ଟ୍ରୋସାଇଟୋପ୍ଲାଜମିକ୍ ସ୍ପର୍ମ ଇଞ୍ଜେକସନ୍ (ଆଇ.ସି.ଏସ୍.ଆଇ), ଡିମ୍ବାଣୁ ସମ୍ପ୍ରଦାନ ଓ କ୍ରାୟୋପ୍ରିଜର୍‌ଭେସନ୍ ପରି ଅତ୍ୟାଧୁନିକ ଚିକିତ୍ସା ମଧ୍ୟ ଉପଲବ୍ଧ ଥିବା ଜଣାଯାଇଛି ।

Reflections
WE GIVE THE TRUE PICTURE

THURSDAY, APRIL1st, 2004
**SAMBAD**

# ରାଜଧାନୀର ପ୍ରଥମ ଟେଷ୍ଟଟ୍ୟୁବ୍ ଶିଶୁ 'ସାଇକଲ୍ୟାଣ'



ଭୁବନେଶ୍ୱର,୩୧/୩(ଇମିସ) : ବିଜ୍ଞାନର କରାମତି କୁହନ୍ତୁ ଅବା ଈଶ୍ୱରଙ୍କ ଆଶୀର୍ବାଦ, ଅନେକ ଦିନରୁ ସନ୍ତାନଟିଏ ପାଇଁ ଆଶା ରଖିଥିବା ସ୍ଥାନୀୟ ଭୀମଟାଙ୍ଗୀ ନିବାସୀ ଶ୍ରୀମତୀ ଓ ଶ୍ରୀ ସୂର୍ଯ୍ୟ ରଂଜନ ମହାନ୍ତିଙ୍କ ପାଇଁ ଏବେ ଯେପରି ଖୁସି ଅଜାଡ଼ି ହୋଇପଡ଼ିଛି । ଏଥି ସହିତ ନିଃସନ୍ତାନ ଦମ୍ପତିଙ୍କ ପାଇଁ ଆଶାର ଏକ କିରଣ ନେଇ ଆସିଛି ରାଜଧାନୀର ପ୍ରଥମ ଟେଷ୍ଟଟ୍ୟୁବ୍ ଶିଶୁ 'ସାଇକଲ୍ୟାଣ' । ଶ୍ରୀମତି ମଧୁମିତା ମହାନ୍ତିଙ୍କ ଔରସରୁ ଏହି ଶିଶୁପୁତ୍ରଟି ଗତ ୨୯ ତାରିଖ ସକାଳ ୬ଟା ୧୪ରେ ସ୍ଥାନୀୟ 'କର କ୍ଲିନିକ୍'ଠାରେ ଜନ୍ମଲାଭ କରିଛି । କ୍ଲିନିକ୍ ସୂତ୍ରରୁ ପ୍ରକାଶ ଯେ ମା'ର ଗର୍ଭ ମଧ୍ୟସ୍ଥ ଫାଲୋପିଆନ ଟ୍ୟୁବ୍‌ରେ ପ୍ରତିବନ୍ଧକ ଥିବା ଯୋଗୁଁ ଗର୍ଭଧାରଣ ସମ୍ଭବ ହୋଇ ପାରୁ ନ ଥିଲା । ଏଣୁ ଉଭୟ ଦମ୍ପତିଙ୍କଠାରୁ ଶୁକ୍ରାଣୁ ଓ ଡିମ୍ବାଣୁକୁ ସଂଗ୍ରହ କରି ଲାବୋରେଟୋରୀରେ ଟେଷ୍ଟଟ୍ୟୁବ୍ ସାହାଯ୍ୟରେ ଭ୍ରୁଣକୁ ବିକଶିତ କରିବା ପରେ ମା'ର ଗର୍ଭାଶୟରେ ପ୍ରତିରୋପଣ କରାଯାଇଥିଲା । ଉପରୋକ୍ତ ଇନ୍‌ଭିଟ୍ରୋ ଫର୍ଟିଲାଇଜେସନ୍ (ଆଇଭିଏଫ୍) ପ୍ରକ୍ରିୟାରେ ମାତ୍ର ୧୦ ପ୍ରତିଶତ ସଫଳତା ମିଳିଥାଏ । ଏଥିପାଇଁ ଡା. ସୁଜାତା କରଙ୍କ ନେତୃତ୍ୱରେ ସ୍ଥାନୀୟ ଚିକିତ୍ସକ ତଥା ମୁମ୍ବାଇସ୍ଥିତ ଲୀଳାବତୀ ହସ୍ପିଟାଲ୍‌ର ତିନିଜଣିଆ ଚିକିତ୍ସକ ଦଳ ଗତ ନ' ମାସ ଧରି ପ୍ରୟାସରତ ଥିଲେ । କାଇନେଟିକ ଫାଇନାନ୍‌ସରେ କାର୍ଯ୍ୟ କରୁଥିବା ଶିଶୁର ପିତା ଶ୍ରୀ ମହାନ୍ତିଙ୍କୁ ଏଥିପାଇଁ ପ୍ରାୟ ଏକ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଛି ।

ସିଜରି ଆନ୍ ଦ୍ୱାରା ଜନ୍ମ ହୋଇଥିବା ଶିଶୁଟିର ଓଜନ ୩.୧ କେଜି ରହିଥିବା ବେଳେ ମା' ଓ ଶିଶୁ ଉଭୟେ ସୁସ୍ଥ ଅଛନ୍ତି । ଶିରିଡ଼ି ସାଇବାବାଙ୍କ ଭକ୍ତ ଶ୍ରୀମତି ମହାନ୍ତି ଶିଶୁପୁତ୍ରଟିର ନାମ ସାଇକଲ୍ୟାଣ ରଖିଛନ୍ତି । ଅନୁରୂପ ଭାବେ କର କ୍ଲିନିକ୍‌ରେ ଆସନ୍ତା ଜୁଲାଇ-ଅଗଷ୍ଟ ମାସରେ ଜଣେ ୪୭ ବର୍ଷ ବୟସ୍କା ମହିଳାଙ୍କ ଔରସରୁ ଅନ୍ୟ ଏକ ଟେଷ୍ଟଟ୍ୟୁବ୍ ଶିଶୁ ଜନ୍ମ ନେବାର ସମ୍ଭାବନା ରହିଛି । ଏହି ମାମଲାରେ ଅନ୍ୟ ଜଣେ ମହିଳାଙ୍କଠାରୁ ଡିମ୍ବାଣୁ ସଂଗ୍ରହ କରାଯାଇ ଭ୍ରୁଣକୁ ବିକଶିତ କରାଯାଇଛି ବୋଲି ଡା. ରୁନା ସାମନ୍ତ ସୂଚନା ଦେଇଛନ୍ତି ।

Reflections

WE GIVE THE TRUE PICTURE

THURSDAY, APRIL1st, 2004

**SAMAYA**

# ଭୁବନେଶ୍ୱରର ପ୍ରଥମ ଟେଷ୍ଟଟ୍ୟୁବ୍ ବେବି



ଭୁବନେଶ୍ୱର, ୩୦।୩ (ସବ୍ୟୁ) : ଭୁବନେଶ୍ୱର ୟୁନିଟ୍-୪ ସ୍ଥିତ କର କ୍ଲିନିକ୍ ଓ ହସ୍ପିଟାଲ୍ ରେ ଭୁବନେଶ୍ୱର ତଥା ପୂର୍ବ ଓଡ଼ିଶାର ପ୍ରଥମ ଟେଷ୍ଟଟ୍ୟୁବ୍ ବେବି ଗତ ୨୯ ତାରିଖରେ ଜନ୍ମଗ୍ରହଣ କରିଛି । ଏହାଛଡ଼ା ଉକ୍ତ କ୍ଲିନିକ୍‌ରେ ନିଃସନ୍ତାନ ଦମ୍ପତିଙ୍କ ପାଇଁ ଇଣ୍ଟ୍ରାୟୁଟେରାଇନ୍ ଇନ୍‌ସେମିନେସନ୍ (IUI), ଇଣ୍ଟ୍ରା ସାଇଟୋପ୍ଲାଜମିକ୍ ସ୍ପର୍ମ ଇଞ୍ଜେକ୍‌ସନ୍ (ICSI), ଡିମ୍ବାଣୁ ସମ୍ପ୍ରଦାନ ଓ କ୍ରାୟୋପ୍ରିଜର୍‌ଭେସନ୍ ପରି ଅତ୍ୟାଧୁନିକ ଚିକିତ୍ସା ମଧ ଉପଲବ୍ଧ ହେଉଛି । ଉକ୍ତ କ୍ଲିନିକ୍‌ରେ ସମ୍ପୃକ୍ତ ଟେଷ୍ଟଟ୍ୟୁବ୍ ବେବିର ବିଭିନ୍ନ ଡାକ୍ତରୀ ଅନୁଧ୍ୟାନ ଗତ କିଛିମାସ ଧରି କରାଯାଉଥିଲା ।

Reflections
WE GIVE THE TRUE PICTURE

SATURDAY, APRIL 3rd, 2004
PRAJATANTRA

# ପୂର୍ବ ଓଡ଼ିଶାର ପ୍ରଥମ ଟେଷ୍ଟଟ୍ୟୁବ୍ ବେବି ଜନ୍ମ



**ଭୁବନେଶ୍ୱର (ପି.ପି.ଏସ୍)**
ପୂର୍ବ ଓଡ଼ିଶାର ପ୍ରଥମ ଟେଷ୍ଟ ଟ୍ୟୁବ୍ ବେବି ସୋମବାର ଦିନ ଭୁବନେଶ୍ୱର ଠାରେ ଜନ୍ମଲାଭ କରିଛି । ସ୍ଥାନୀୟ ୟୁନିଟ-୪ ସ୍ଥିତ କର କ୍ଲିନିକ୍ ଓ ହାସ୍‌ପାତାଳରେ ଜନ୍ମ ଗ୍ରହଣ କରିଥିବା ଏହି ଶିଶୁଟିର ଓଜନ ୩.୧ କି.ଗ୍ରା. ଥିବା ସହ ସେ ସୁସ୍ଥ ଥିବା ଜଣାଯାଇଛି । ଲଗାତାର ଦୁଇବର୍ଷ ଧରି କଠୋର ଉଦ୍ୟମ ଓ କୃତ୍ରିମ ପ୍ରଜନନ ପଦ୍ଧତିଦ୍ୱାରା ଏହି ଶିଶୁକୁ ମା'ର ଗର୍ଭରେ ସଞ୍ଚାର କରାଯାଇଥିଲା । ଏହି ଶିଶୁକୁ ସ୍ଥାନୀୟ ଭୀମଟାଙ୍ଗି ଅଞ୍ଚଳର ମଧୁମିତା ମହାନ୍ତି (୩୫ ବର୍ଷ) ଜନ୍ମ ଦେଇଛନ୍ତି । ଏଥିପାଇଁ ତାଙ୍କୁ ୮୭ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥିବା କୁହାଯାଇଛି । ଏବଂ ଏହି ଶିଶୁଟିର ନାମ 'ସାଇକଲ୍ୟାଣ' ରଖାଯାଇଥିବା ପ୍ରକାଶ । ଆଇଭିପି ପ୍ରଣାଳୀରେ ଜନ୍ମ ନେଇଥିବା ଏହି ଶିଶୁଟିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କ୍ଲିନିକର ଡଃ. ସୁଜାତା କର ନେଇଥିଲେ । ଏହା ପରେ ଆସନ୍ତା ଅଗଷ୍ଟ ମାସରେ ଏହି କ୍ଲିନିକ ପକ୍ଷରୁ ଆଉ ଏକ ଟେଷ୍ଟ ଟ୍ୟୁବ ବେବି ଜନ୍ମ ନେବାର ପ୍ରସ୍ତୁତି ଚାଲିଥିବାର ଡଃ. କର ସୂଚନା ଦେଇଛନ୍ତି । ଏହା ବ୍ୟତୀତ ଉକ୍ତ କ୍ଲିନିକ୍‌ରେ ନିଃସନ୍ତାନ ଦମ୍ପତିଙ୍କ ପାଇଁ ଇଣ୍ଟ୍ରାୟୁଟେରାଇନ୍ ଇନ୍ ସେମିନେସନ୍ (ଆଇୟୁଆଇ), ଇଣ୍ଟ୍ରାସାଇଟୋପ୍ଲାଜମିକ୍ ସ୍ପର୍ମ ଇଞ୍ଜେକ୍‌ସନ୍ (ଆଇ.ସି.ଏମ୍.ଆଇ), ଡିମ୍ବାଣୁ ସମ୍ପ୍ରଦାନ ଓ କ୍ରାୟୋପ୍ରିଜରଭେସନ ପରି ଅତ୍ୟାଧୁନିକ ଚିକିତ୍ସା ମଧ୍ୟ ଉପଲବ୍ଧ ଥିବା ପ୍ରକାଶ ।

Reflections
WE GIVE THE TRUE PICTURE

SUNDAY, APRIL 4th, 2004
**PRAGATIVADI**

# ଭୁବନେଶ୍ୱରରେ ପ୍ରଥମ ଟେଷ୍ଟଟ୍ୟୁବ୍ ବେବି ଜନ୍ମ



**ଭୁବନେଶ୍ୱର, ତା୩୧।୩ (ପିଏନ୍ଏସ୍):** ଭୁବନେଶ୍ୱର ତଥା ପୂର୍ବ ଓଡ଼ିଶାରେ ପ୍ରଥମ ଥର ପାଇଁ ଅତ୍ୟାଧୁନିକ ବୈଜ୍ଞାନିକ ପ୍ରଣାଳୀରେ ଏକ ଟେଷ୍ଟଟ୍ୟୁବ୍ ବେବି ଜନ୍ମଗ୍ରହଣ କରିଛି । ୟୁନିଟ୍ -୪ ସ୍ଥିତ 'କର କ୍ଲିନିକ୍'ରେ ଦୀର୍ଘଦିନ ଧରି ଏ ସମ୍ପର୍କରେ ଗବେଷଣା କରାଯାଇ ଥିଲା । ନିଃସନ୍ତାନ ଦମ୍ପତିଙ୍କ ପାଇଁ ଇଣ୍ଟ୍ରାୟୁଟେରାଇନ୍ ଡିମ୍ବାଣୁ ସମ୍ପ୍ରଦାନ ଓ ଇନ୍‌ସେମିନେସନ୍ (ଆଇୟୁଆଇ), କ୍ରାୟୋପ୍ରିଜରଭେସନ୍ ପରି ଇଣ୍ଟ୍ରାସାଇଟୋପ୍ଲାଜମିକ୍ ସ୍ପର୍ମ ଇଞ୍ଜେକ୍ସନ (ଆଇସିଏସ୍ଆଇ), ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି ଜରିଆରେ ଏହା ଜନ୍ମଗ୍ରହଣ କରିଛି ।

Reflections
WE GIVE THE TRUE PICTURE

MONDAY, APRIL 5th, 2004
THE SAMAJA

# ଭୁବନେଶ୍ୱରର ପ୍ରଥମ ଟେଷ୍ଟ ଟ୍ୟୁବ ଶିଶୁ

ଭୁବନେଶ୍ୱର,ତା୪।୪ (ନି.ପ୍ର)– ଭୁବନେଶ୍ୱରରେ ଅଳ୍ପଦିନ ତଳେ ପ୍ରଥମ ଟେଷ୍ଟ ଟ୍ୟୁବ ଶିଶୁ ପ୍ରଥମ ସୂର୍ଯ୍ୟାଲୋକ ଦେଖିଛି । ଏହି ସଫଳତା ପାଇଁ 'କର କ୍ଲିନିକ୍'ର ଡାକ୍ତରମାନଙ୍କ ଉଦ୍ୟମ ପ୍ରଶଂସନୀୟ ।

କ୍ଲିନିକ୍ ସୂତ୍ରରୁ ପ୍ରକାଶ ଯେ ସ୍ଥାନୀୟ ଭୀମଟାଙ୍ଗି ନିବାସୀ ସୂର୍ଯ୍ୟରଞ୍ଜନ ମହାନ୍ତି ଓ ତାଙ୍କ ପତ୍ନୀ ବହୁଦିନରୁ କୋଳରେ ପିଲାଟିଏ ପାଇଁ ସ୍ୱପ୍ନ ଦେଖିଆସୁଥିଲେ । ଶ୍ରୀମତୀ ମହାନ୍ତିଙ୍କର ଫାଲୋପିଆନ ଟ୍ୟୁବରେ ପ୍ରତିବନ୍ଧକ ଥିବାଯୋଗୁଁ ଗର୍ଭଧାରଣ କରିବା କ୍ଷେତ୍ରରେ ସମସ୍ୟା ସୃଷ୍ଟି ହେଉଥିଲା । ତେଣୁ ଉଭୟ ପତିପତ୍ନୀଙ୍କଠାରୁ ଶୁକ୍ରାଣୁ ଓ ଡିମ୍ବାଣୁ ସଂଗ୍ରହ କରି ଟେଷ୍ଟ ଟ୍ୟୁବ ମାଧ୍ୟମରେ ଭ୍ରୂଣକୁ ବିକଶିତ କରିବା ପରେ ମା'ର ଗର୍ଭାଶୟରେ ପ୍ରତିରୋପଣ କରାଯାଇଥିଲା । ଏହି ରୋପଣ କାର୍ଯ୍ୟ ଡାକ୍ତର ସୁଜାତା କର ଏବଂ ମୁମ୍ବାଇସ୍ଥିତ ଲୀଳାବତୀ ହାସପାତାଳର ତିନିଜଣିଆ ଚିକିତ୍ସକଦଳ ଦୀର୍ଘ ୯ମାସ ଧରି କରିଥିଲେ । ଏଥିପାଇଁ ଶ୍ରୀ ମହାନ୍ତିଙ୍କୁ ପ୍ରାୟ ଏକ ଲକ୍ଷ ଟଙ୍କା ବ୍ୟୟ କରିବାକୁ ପଡ଼ିଥିଲା । ଶେଷରେ ସିଜରିଆନ୍ କରାଯାଇ ଶିଶୁଟିକୁ ନିକଟରେ ଜନ୍ମ ଦିଆଯାଇଛି । ମା' ଓ ଶିଶୁ ଉଭୟ ଭଲ ଅଛନ୍ତି ବୋଲି ଡାକ୍ତରଙ୍କ ସୂତ୍ରରୁ ଜଣାପଡ଼ିଛି । ଶିଶୁଟିର ନାମ ସାଇକଲ୍ୟାଣ ରଖାଯାଇଛି ।